PR No. 17/13.02.2025

# ଅଦାଲତ, ତହସିଲଦାର, ହେମଗିର,

## ଇସ୍ତିହାର

ଏତଦ୍ୱାରା ମୌଜା ଡୁଡୁକା, ଥାନା –ହେମଗିର, ଜିଲ୍ଲା ସୁନ୍ଦରଗଡ ର ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀ ବାଲାଜି ଇଞ୍ଜିକାନ ଲିମିଟେଡ ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମି କୁ ରେଲୱେ ସାଇଡିଙ୍ଗ ନିର୍ମାଣ ଉଦ୍ଦେଶ୍ୟରେ ନିଜ ନାମେ ଲିଜ ସୂତ୍ରେ ବନ୍ଦୋବସ୍ତ କରାଯିବାପାଇଁ ଅତ୍ର ଅଦାଲତ ରେ ଦରଖାସ୍ତ ସହ ଆବେଦନ କରିଥିବାରୁ ତାହା ଅତ୍ର ଅଦାଲତରେ ବିଚାରାଧିନ ଅଛି। ଉକ୍ତ ପ୍ଲଟ ମାନଙ୍କର କିସମ ପତିତ କିସମକୁ ପରିବର୍ତ୍ତନ କରାଯାଇ ଏବଂ ମନ୍ତବ୍ୟ ଖାନାରେ ଥିବା ବେଆଇନ ଦଖଲ ନୋଟ କର୍ତ୍ତନ କରାଯାଇ ତାଙ୍କ ନାମେ ଲିଜ ସୂତ୍ରେ ବନ୍ଦୋବସ୍ତ କରାଯିବାର ପ୍ରସ୍ତାବ ରହିଛି । ଏଣୁ ଉଲ୍ଲେଖିତ ପରିବର୍ତ୍ତନ ସଂକ୍ରାନ୍ତରେ ଯଦି କୌଣସି ବ୍ୟକ୍ତି ବିଶେଷାଙ୍କ ତତ୍ ସମନ୍ଧିୟ ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ଇସ୍ତିହାର ଜାରି ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ (ସରକାରୀ ଛୁଟୀଦିନ ବ୍ୟତୀତ) ଲିଖିତାକାରରେ ଆବଶ୍ୟକୀୟ କୋର୍ଟଫିସ୍ ସହ ଆପତ୍ତି ଦାଏର କରିପାରିବେ । ଧାର୍ଯ ସମୟ ଗତେ କୌଣସି ଆପତ୍ତି ଅଭିଯୋଗ ଅଗ୍ରାହ୍ୟ ହେବ ତଥା ଆଇନାନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

| ଗ୍ରାମ | ଖାତା ନଂ | ପ୍ଲଟ ନଂ | କିସମ | ରକବା | ମନ୍ତବ୍ୟ ଖାନା |
|---|---|---|---|---|---|
| ଡୁଡୁକା | ୪୫ (ଆବାଦ ଯୋଗ୍ୟ ଅନାବାଦି) | 93 | Goda-II | 0.90 | ବେ. ଦ. ଜାଗେଶ୍ୱର ଡିଲା |
| | | 92 | Goda-II | 0.72 | ବେ. ଦ. ଦଶରଥ ଗୌଡ ଦେଇତାରି ଗୌଡ |
| | | 141 | Patit | 5.30 | |
| | | 142 | Ma Sa | 0.33 | ବେ. ଦ. ସୁନିଲ କୁମାର ସିଂ |
| | | 144 | Patit | 0.14 | |
| | | 363/p | Ma Sa | 0.10 | ବେ. ଦ. ସୁଭଦ୍ରା ବିଶ୍ବାଳ ଏବଂ ଅନ୍ୟମାନେ |
| | | 384/p | Goda-I | 0.06 | |
| | | 388/p | Ma Sa | 0.04 | |
| ମୋଟ | | | | ଏ. ୭.୫୯ | |

ତହସିଲଦାର, ହେମଗିର

ଜ୍ଞାପକ ସଂଖ୍ୟା 588 ତା: 13.02.2025

ଏହାର ଏକକିତା ନକଲ **ସରପଞ୍ଚ, ଡୁଡୁକା ଗ୍ରାମପଞ୍ଚାୟତଙ୍କ** ଅବଗତି ତଥା ସର୍ବସାଧାରଣଙ୍କ ବହୁଳ ପ୍ରଚାର ନିମନ୍ତେ ଏବଂ ଏକ ନକଲ ସଂପୃକ୍ତ ଗ୍ରାମର ଦୃସ୍ୟମାନ ସ୍ଥାନରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଲଟକାଜାରୀ ପାଇଁ ପ୍ରେରଣ କରାଗଲା ଏବଂ ଗ୍ରାମରେ ଡେଙ୍ଗୁରା/ମାଇକ ବଜାଇ ପ୍ରଚାର ପାଇଁ ଆଦେଶ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯାଳୟ, ହେମେଗିର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ଲଟକାଜାରୀ କରାଗଲା ।

ପୁନଶ୍ଚ ଏହାର ଏକକିତା ନକଲ **Dist e-Governance Manager, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ** ଙ୍କ ଅବଗତି ନିମନ୍ତେ ପଠଗଲା ଓ ବହୁଳ ପ୍ରଚାର ନିମନ୍ତେ **sundargarh.odisha.gov.in** ୱେବସାଇଟ ରେ ଅପଲୋଡ ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ହେମଗିର